# କଟକ ସିଟି





## ଶିଶୁଭବନର ପାଚେରି ନିର୍ମାଣ ପୂର୍ବରୁ ହେବ ସୀମାଙ୍କନ ଓ ଜବରଦଖଲ ଉଚ୍ଛେଦ

**କଟକ, ୧୯ ।୧୨(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ) ଚାରିପଟରେ ଉଚ୍ଚ ପାଚେରି ନିର୍ମାଣ କରାଯିବା ପୂର୍ବରୁ ଏଥିରେ ଜବରଦଖଲ ଏକ ପ୍ରମୁଖ ପ୍ରତିବନ୍ଧକ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଶିଶୁଭବନ କ୍ୟାମ୍ପସ ଚାରିପାଖରେ ଉଚ୍ଚ ପ୍ରାଚୀର ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଏହାର ବୈଷୟିକ ମୂଲ୍ୟାଙ୍କନ ସମାପ୍ତ ହୋଇଛି। ତେବେ କାର୍ଯ୍ୟାଦେଶ ପ୍ରଦାନ ପୂର୍ବରୁ ଏହାର ସୀମାଙ୍କନ ଓ ଜବରଦଖଲ ଉଚ୍ଛେଦ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଶନିବାର ଏହାର ବିଡ୍ ଖୋଲାଯିବାକୁ ରହିଥିବା ବେଳେ ନିର୍ମାଣ କାର୍ଯ୍ୟ ୩୦.୦୪.୨୦୨୬ ସୁଦ୍ଧା ସମାପ୍ତ ହେବ ବୋଲି କୁହାଯାଇଛି। ତେବେ ଏହାର ସୀମାଙ୍କନ ପ୍ରସଙ୍ଗରେ ଶିଶୁଭବନ ଅଧୀକ୍ଷକ ଗତ ସେପ୍ଟେମ୍ବର ୧୩ ତାରିଖରୁ କଟକ ସଦର ତହସିଲଦାରଙ୍କୁ ପତ୍ରାଳାପ କରିଥିଲେ ସୁଦ୍ଧା କୌଣସି ପରବର୍ତ୍ତୀ ପଦକ୍ଷେପ ନିଆଯାଇନାହିଁ। ଖୁବଶୀଘ୍ର ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି କଟକ ଏଡିଏମ ଶିବ ଟପ୍ପୋ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରିବେ ଯାହା ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ ଜାନୁଆରୀ ୮ରେ ଜଣାଇବାକୁ ଅଦାଲତ କହିଛନ୍ତି। ଶିଶୁ ଭବନରେ ଥିବା ଖୋଲା ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଥା ଏହା ଚାରିପଟରେ ଷ୍ଟେନଲେସ୍ ଷ୍ଟିଲ୍ ଗ୍ରୀଲ୍ ଲଗାଇବା କାର୍ଯ୍ୟ ଆସନ୍ତା ୨୦୨୬ ଜାନୁଆରୀ ୧୦ ସୁଦ୍ଧା ସମାପ୍ତ ହେବ। ଶିଶୁ ଭବନ ପରିସରରେ ଡ୍ରେନେଜ୍ ସିଷ୍ଟମ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ପୂର୍ବରୁ ସମାପ୍ତ ହୋଇ ଇତି ମଧ୍ୟରେ କାମ ଆରମ୍ଭ ହୋଇଛି। ସିଏମସିର ରିପୋର୍ଟରେ କୁହାଯାଇଛି ଯେ ଶିଶୁ ଭବନ ପରିସରରେ ୫ଟି ଡ୍ରେନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବିଭିନ୍ନ ଏଜେନ୍ସିକୁ ପ୍ରଦାନ କରାଯାଇଛି। ଇତିମଧ୍ୟରେ, ତିନୋଟି ଏଜେନ୍ସି କାମ ଆରମ୍ଭ କରିସାରିଛନ୍ତି ଏବଂ ବାକି ଦୁଇଟି ଏଜେନ୍ସି ତିନି ଦିନ ମଧ୍ୟରେ କାମ ଆରମ୍ଭ କରିବେ। ସମସ୍ତ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ପାଇଁ ଆଡଭୋକେଟ କମିଟି ୨୦୨୬ ଫେବୃଆରୀ ୭ରେ ଶିଶୁ ଭବନର ଅଧୀକ୍ଷକଙ୍କୁ ପୂର୍ବରୁ ଅବଗତ କରି ପରିଦର୍ଶନ କରିବେ।

## ବିଡ଼ାନାସୀ ଥାନାରେ ବିଚିତ୍ର ବ୍ୟବସ୍ଥା

# କାମ ଦେଉନି ବ୍ରେଥ୍-ଆନାଲାଇଜର୍: ମଦ୍ୟପ ଏ ଥାନାରୁ ସେ ଥାନା

**ହାତ ଗୁଞ୍ଜା ଦେଇ ଖସିଯାଉଛନ୍ତି ମଦ୍ୟପ**

**ନୂଆ ବର୍ଷ ଧରପଗଡ଼ ପାଲଟିଛି ପ୍ରହସନ**

**ଭୁଆଶୁଣୀ ପଠା, କୃଷକ ବଜାର ଏବଂ ରିଂବନ୍ଧରେ ମଦ୍ୟପଙ୍କ ଉତ୍ପାତ**

**କଟକ, ୧୯ ।୧୨(ସମିସ)**

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଥାନା ଗୁଡ଼ିକୁ ଅତ୍ୟାଧୁନିକ କରାଯାଉଛି। ଉନ୍ନତଜ୍ଞାନକୌଶଳ ଏବଂ ଟେକ୍ନୋଲୋଜି ସହାୟତାରେ ତଦନ୍ତ ଠାରୁ ଆରମ୍ଭ କରି ପାଟ୍ରୋଲିଂ ଯାଏଁ, ସବୁଥିରେ ସହଜ ଓ ସୁଧାର ଆସି ପାରିଛି। ହେଲେ କଟକ ୟୁପିଡ଼ି ଅନ୍ତର୍ଗତ ବିଡ଼ାନାସୀ ଥାନାରେ ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଦର୍ଶ ଥାନାର ପରିଚୟ ବହନ କରୁଥିବା ବିଡ଼ାନାସୀ ଥାନାରେ ଥିବା ବ୍ରେଥ୍ ଆନାଲାଇଜର୍ ବା ଆଲକହଲ୍ ବ୍ରେଥ୍ ଟେଷ୍ଟ୍ ମେସିନ ଅଚଳ ହୋଇ ପଡ଼ି ରହିଛି। ପ୍ରାୟ ୮ମାସରୁ ଅଧିକ ହେବ ଏଭଳି ସମସ୍ୟା ଦେଖା ଦେଇଥିବା ବେଳେ ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ପାରିନାହିଁ। ଯଦି କୌଣସି ମଦ୍ୟପକୁ ଥାନାରେ ଅଟକ ରଖାଯାଏ, ତେବେ ତା'ର ଆଲକହଲ୍ ଟେଷ୍ଟ୍ କରିବାକୁ ଦରଘାବଜାର ଏବଂ ଲାଲବାଗ ଥାନାକୁ ନେବାକୁ ପଡୁଛି। ଡ୍ୟୁଟିରେ ନିୟୋଜିତ ହୋଇଥିବା ପାଟ୍ରୋଲିଂ ଭ୍ୟାନ୍‌ରେ ବ୍ରେଥ୍ ଆନାଲାଇଜର ନଥିବାରୁ ମଦ୍ୟପଙ୍କଠାରୁ ହାତଗୁଞ୍ଜା ନେଇ ପୁଲିସ ଛାଡ଼ି ଦେଉଥିବା ଅଭିଯୋଗ ହେଉଛି। ବିଡ଼ାନାସୀ ଥାନା ପୁଲିସ ଜଣଙ୍କ ମଦ୍ୟପାନ ଟେଷ୍ଟ୍ କରିବାକୁ ପ୍ରଥମେ ପିସିଆର୍ ଭ୍ୟାନ୍‌ରେ ବସାଇ ଦରଘାବଜାର ଥାନାକୁ ଆଣୁଛି।




ସେଠାରେ ଯଦି ଟେଷ୍ଟ୍ କରିବା ସମ୍ଭବ ହେଉନାହିଁ, ତାକୁ ଧରି ଲାଲବାଗ ଥାନାକୁ ଆଣିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଥାନା ପକ୍ଷରୁ ବାରମ୍ବାର ଡିସିପିଙ୍କ କାର୍ଯ୍ୟାଳୟ ସହିତ ଯୋଗଯୋଗ କରାଯାଇଥିବା ବେଳେ ଅଚଳ ବ୍ରେଥ୍ ଆନାଲାଇଜର୍ ମେସିନ୍‌କୁ ସଚଳ କରାଯାଇ ପାରିନାହିଁ। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଗୋଟିଏ ଥାନାରୁ ଅନ୍ୟ ଥାନାକୁ ଆଣି ମଦ୍ୟପଙ୍କ ଟେଷ୍ଟ୍ କରିବାରେ କୌଣସି ସମସ୍ୟା ନାହିଁ। କଟକ ୟୁପିଡ଼ି ଅଧିନରେ ରହୁଥିବା ଥାନା ଗୁଡ଼ିକ ପରସ୍ପର ଭିତରେ ସାହାଯ୍ୟ ଓ ସହଯୋଗରେ ଚାଲିଥାଏ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଗୋଟିଏ ଥାନାର ଆଇଆଇସି ଅନ୍ୟ ଏକ ଥାନା ଅଞ୍ଚଳରେ ଡ୍ୟୁଟି କରୁଛନ୍ତି। ସେହିପରି ଗୋଟିଏ ଥାନାର ମେସିନ୍ ଅଚଳ ହେଲେ ଅନ୍ୟ ଏକ ଥାନା ଉପରେ ନିର୍ଭର କରିବା ସ୍ୱାଭାବିକ ପ୍ରକ୍ରିୟା ବୋଲି ସେ କହିଛନ୍ତି।

ଅନ୍ୟପଟେ ନୂଆବର୍ଷ ଆସୁଥିବାରୁ ଭୁଆସୁଣି ପଠାରେ ଏବେ ଠାରୁ ପିକନିକ୍ ଦଳ ଭୋଜି ଭାତ ଓ ମଦମାଂସର ଆସର ଜମାଇଲେଣି। ସେହିପରି ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରିଂବନ୍ଧ, କୃଷକ ବଜାର ଓ ପେଟାନାଳ ରାସ୍ତାରେ ମଦ୍ୟପଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ପୁଲିସ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପିସିଆର୍‌ରେ ବ୍ରେଥ୍ ଆନାଲାଇଜର୍ ନଥିବାରୁ ସହଜରେ ମଦ୍ୟପମାନେ ଖସି ଯାଉଥିବା ଦେଖିବାକୁ ମିଳୁଛି। କମିଶନରେଟ୍ ପୁଲିସର ନିୟମ ଅନୁସାରେ, ଯଦି ଜଣେ ମଦ୍ୟପଙ୍କ ୧୦୦ଏମ୍ଏଲ୍ ରକ୍ତରେ ୧୨୦ପ୍ରତିଶତ ଆଲକହଲ ରହିଛି ତେବେ ଯାଇଁ ତାଙ୍କୁ ଗିରଫ କରାଯାଉଥିବାର କୁହାଯାଉଛି। ୩୦ପ୍ରତିଶତ ଆଲକହଲ୍ ବାହାରିଲେ, ନୋଟିସ୍ ଦିଆଯାଉଛି। ପୁଲିସ ତଥ୍ୟ ଅନୁସାରେ, ଗତ ୨ମାସ ହେବ ସହରରେ ମଦ୍ୟପଙ୍କ ସଂଖ୍ୟା ୫୦ପ୍ରତିଶତ ବୃଦ୍ଧି ଘଟିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ, କୌଣସି ମଦ୍ୟପ ବିଶୃଙ୍ଖଳା କରୁଥିଲେ ବା ବିଳମ୍ବିତ ରାତିରେ ମେଳି କରୁଥିଲେ, ତାଙ୍କ ରକ୍ତରେ ୧ପ୍ରତିଶତ ଆଲକହଲ୍ ଥିବା ଜଣାପଡ଼ିଲେ, ତୁରନ୍ତ ତାଙ୍କୁ ଗିରଫ କରାଯିବ। କିନ୍ତୁ ବିଡ଼ାନାସୀ ଥାନା ପୁଲିସ ମଦ୍ୟପଙ୍କ ପାଇଁ କୋହଳ କାର୍ଯ୍ୟାନୁଷ୍ଠାନ ନେଉଥିବାରୁ, ଏହି ଅଞ୍ଚଳରେ ମଦ୍ୟପ ସଂଖ୍ୟା ବୃଦ୍ଧି ଘଟୁଥିବା ଅଭିଯୋଗ ହେଉଛି।

## କୃଷକ ବଜାର ରାସ୍ତାକଡ଼ରେ ପସରା; କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**କଟକ, ୧୯ ।୧୨(ସମିସ):** କୃଷକ ବଜାର ରାସ୍ତାକଡ଼ରେ ବେଆଇନ ଭାବେ ଫଳ ଓ ପନିପରିବା ପସରା ମେଲୁଥିବା ଯୋଗୁଁ ଟ୍ରାଫିକ ଜାମ ହେଉଛି। ସେହିଭଳି ନିୟନ୍ତ୍ରିତ ବଜାରକମିଟି (ଆରଏମସି) ରାଜସ୍ୱରୁ ବଞ୍ଚିତ ହେଉଛି। ମର୍କତନଗର ପୁଲିସ ଷ୍ଟେସନର ଆଇଆଇସି ଏବଂ ବିଡ଼ାନାସୀକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ଅତିରିକ୍ତ ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାସ୍ତାରେ ଯେପରି ଫଳ/ପନିପରିବା ବିକ୍ରି ନ ହେବା ତାହା ନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। କୃଷକ ବଜାରରେ ଉପଲବ୍ଧ ସ୍ଥାନରେ ବିକ୍ରେତାଙ୍କୁ ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଅଦାଲତ। କୃଷକ ବଜାର ପରିସରରେ ଏବେ ବି ଅଳିଆ ଗଦା ପଡ଼ିରହିଛି; ଯାହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିପାଇଁ ସଫେଇ ସଂସ୍ଥାକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯିବ ବୋଲି ସିଏମସି କମିସନର ହାଇକୋର୍ଟଙ୍କୁ ଜଣାଇଛନ୍ତି।

## ବେଆଇନ୍ ଜିପିଏସ୍ ଟ୍ରାକର୍ ଲଗାଇ ଯୁବକ ଗିରଫ

**କଟକ, ୧୯ ।୧୨(ସମିସ):** ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ଗାଡ଼ିରେ ତାଙ୍କ ବନ୍ଧୁ ଜିପିଏସ୍ ଟ୍ରାକର୍ ଲଗାଇ ତାଙ୍କୁ ଟ୍ରାକ୍ କରୁଥିବା ଭଳି ସଂଗିନ ଅଭିଯୋଗ ସାଇବର ଥାନାରେ କରାଯାଇଛି। ଏହି ଅଭିଯୋଗ ଆଧାରରେ ସାଇବର୍ ଥାନା ପୁଲିସ ଅଭିଯୁକ୍ତ ବନ୍ଧୁ ପ୍ରକାଶ ପରିଡ଼ା (୩୩)ଙ୍କୁ ଗିରଫ କରିଛି। ଚାଉଳିଆଗଞ୍ଜ ଥାନା ଶିଖରପୁର ଅଞ୍ଚଳର ଇଭେଣ୍ଟ ସଂସ୍ଥାରେ କାମ କରୁଥିବା ପ୍ରକାଶ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ବନ୍ଧୁ ସୌଭାଗ୍ୟଙ୍କ ଗାଡ଼ିରେ ଟ୍ରାକର ଲଗାଇଥିବା ସାଇବର୍ ଥାନା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଚାଉଳିଆଗଞ୍ଜର ସୌଭାଗ୍ୟ ପଶାୟତ ଏକ ଘରୋଇ ବ୍ୟାଙ୍କରେ ମ୍ୟାନେଜର ଭାବେ କାମ କରନ୍ତି। ତାଙ୍କ ଘନିଷ୍ଠ ବନ୍ଧୁ ହେଉଛନ୍ତି ଶିଖରପୁରର ପ୍ରକାଶ ପରିଡ଼ା। ପ୍ରକାଶ ଏକ ଇଭେଣ୍ଟ ସଂସ୍ଥାରେ କାମ କରନ୍ତି। ତେବେ କଟକର ଜଣେ ଯୁବତୀଙ୍କୁ ନେଇ ଉଭୟଙ୍କ ଭିତରେ ଛକାପଞ୍ଝା ଚାଲିଥିଲା। ସୌଭାଗ୍ୟଙ୍କ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ପ୍ରକାଶ କୌଶଳକ୍ରମେ ତାଙ୍କ କାରରେ ଏକ ଜିପିଏସ ଟ୍ରାକର ଲଗାଇ ଦେଇଥିଲେ। ଗଲା ଅଗଷ୍ଟରେ ଏଭଳି ଘଟଣା ଘଟିଥିଲା। ଏ ସମ୍ପର୍କରେ ସୌଭାଗ୍ୟ ଜାଣିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୌଭାଗ୍ୟ କଟକ ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇବର୍ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରିବା ସହିତ କାରରେ ଲଗାଯାଇଥିବା ଟ୍ରାକର୍ ଜବତ ହୋଇଥିବା ସୂଚନା ମିଳିଛି।

## ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍

## ଓଏସ୍‌ସି ଓ ଭୁବନେଶ୍ୱରକୁ ଟାଇଟଲ୍







**କଟକ, ୧୯।୧୨(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ବାସ୍କେଟବଲ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗ ଫାଇନାଲରେ ଭୁବନେଶ୍ୱର ୬୩-୪୫ ପଏଣ୍ଟରେ ରାଉରକେଲାକୁ ଏବଂ ପୁରୁଷ ବର୍ଗ ଫାଇନାଲରେ ଓଡ଼ିଶା ଷ୍ଟୁଡେଣ୍ଟସ କ୍ଲବ(ଓଏସସି) ରୋମାଞ୍ଚକ ମୁକାବିଲାରେ ସୁପ୍ରିମ କ୍ଲବକୁ ହରାଇ ଟାଇଟଲ ବିଜୟୀ ହୋଇଛି। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ ଇଣ୍ଡିଆ ଆଥଲେଟିକ ଫେଡେରେଶନର କାର୍ଯ୍ୟାଳୟ ସମ୍ପାଦକ ଜିଏସ୍ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ସଂଘ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ଉପସଭାପତି ନିରଜ ଯାଦବ, ଅମୀୟମହାପାତ୍ର, ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିପିସିଓଡିଏଲ୍ ବିରୋଧରେ କଂଗ୍ରେସର ଗର୍ଜନ

**କଟକ, ୧୯।୧୨(ସମିସ)**




ଟାଟା ପାୱାର ପକ୍ଷରୁ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଉଥିବା ଅହେତୁକ ଆର୍ଥିକ ବୋଝ ଏବଂ ବାଧ୍ୟତାମୂଳକ ସ୍ମାର୍ଟ ମିଟର ସ୍ଥାପନ ବିରୋଧରେ କଟକ ନଗର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବାଦାମବାଡ଼ିସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଟିପିସିଓଡିଏଲ୍‌ର ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଟିପିସିଓଡିଏଲ୍‌ର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ମିଟର ଲଗାଇବା ପାଇଁ ଲୋକଙ୍କୁ ବାଧ୍ୟ କରାଯିବା ସମ୍ପୂର୍ଣ୍ଣ ଭାବେ ଅନ୍ୟାୟ। ବିଧାୟିକାଙ୍କ ମତରେ, ଟିପିସିଓଡିଏଲ୍‌ର ଅପାରଗତା ଯୋଗୁଁ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାମାନେ ଅଯଥା ଆର୍ଥିକ ବୋଝ ସହିବାକୁ ବାଧ୍ୟ ହେଉଛନ୍ତି। ଯଦି ଟିପିସିଓଡିଏଲ୍ ତୁରନ୍ତ ଏହି ଅତିରିକ୍ତ ସୁରକ୍ଷା ଜମା ପ୍ରତ୍ୟାହାର ନ କରେ ଏବଂ ସ୍ମାର୍ଟ ମିଟର ସ୍ଥାପନ ବନ୍ଦ ନ କରେ, ତେବେ ଆଗାମୀ ଦିନରେ କଂଗ୍ରେସ ଦଳ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ଏବଂ ରାଜରାସ୍ତାକୁ ଓହ୍ଲାଇବ ବୋଲି ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭ ସମୟରେ ଏକ ପ୍ରତିନିଧି ଦଳ ଟିପିସିଓଡିଏଲ୍‌ର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ଭେଟି ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଆନ୍ଦୋଳନରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, ରେଣୁବାଳା ରାଉତ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି,

**ସ୍ମାର୍ଟ ମିଟର ଉଚ୍ଛେଦ ଓ ଅତିରିକ୍ତ ଜମା ପ୍ରତ୍ୟାହାର ଦାବିରେ ବିକ୍ଷୋଭ**

ଶୁବାଶିଷ ପଟ୍ଟନାୟକ ଏବଂ ଜନାର୍ଦ୍ଦନ ପରିଡ଼ାଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। କଟକର ବିଭିନ୍ନ ୱାର୍ଡର କର୍ମକର୍ତ୍ତା ଟିପିସିଓଡିଏଲ୍ ବିରୋଧୀ ସ୍ଲୋଗାନ ଦେଇ ବାଦାମବାଡ଼ି ଅଞ୍ଚଳକୁ କମ୍ପାଇ ଦେଇଥିଲେ।



## କାର୍ଯ୍ୟାଳୟରେ ପଡ଼ିଲା ତାଲା

**କଟକ, ୧୯।୧୨(ସମିସ):** ଟାଟା ପାୱାର ପକ୍ଷରୁ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ସୁରକ୍ଷା ଜମା ଏବଂ ୧୫ ପ୍ରତିଶତ ସୁଧ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ଚେତାବନୀ ବିରୋଧରେ ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ଗର୍ଜନ କରିଛି। ସଂଘର ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଉପଭୋକ୍ତା ଗୋଲେଇଛକରୁ ଏକ ପଦଯାତ୍ରାରେ ବାହାରି ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ପାନୀର ଏହି ଶୋଷଣ ନୀତିକୁ ନିନ୍ଦା କରି ମ୍ୟାନେଜର ଇଞ୍ଜିନିୟର ପ୍ରିୟନାଥ ଭଞ୍ଜଙ୍କ ଜରିଆରେ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ କଟକ-ଚୌଦ୍ୱାର ବିକାଶ ପରିଷଦ ସଭାପତି ମାନସ ପରିଡ଼ା, ଉପଦେଷ୍ଟା ରାମଚନ୍ଦ୍ର ଗୋଚ୍ଛାୟତ, ଅଲେଖଚନ୍ଦ୍ର ବେହେରା, ବାମପନ୍ଥୀ ନେତା ଉଦୟକେଶରୀ ବର୍ମା, ଟ୍ରକ୍ ମାଲିକ ସଂଘ ସଭାପତି ଦିଲ୍ଲୀପ ଜେନା, ପ୍ରାକ୍ତନ କର୍ପୋରେଟର ନବକିଶୋର ସ୍ୱାଇଁ, କର୍ପୋରେଟର ପ୍ରତିନିଧି ନାଗେଶ୍ୱର ବେହେରା, ଜୟ ସିଂ, ପ୍ରତ୍ୟୁଷ ସାହୁ, ନିର୍ମଳ ସ୍ୱାଇଁ, ହେମରାଜ ବିଶ୍ୱାଳ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ଶିବ ଚରଣ ପ୍ରଧାନ, ପ୍ରମୋଦ ମହାନ୍ତି, ରଶ୍ମିକାନ୍ତ ସାମଲ, ବସ୍ତି ନେତା ଚିତ୍ତ ରଞ୍ଜନ ମହାନ୍ତି, ବିଜୟ ଭୂୟାଁ, ବିଶ୍ୱଜିତ ମହାନ୍ତି, ବରିଷ୍ଠ ନାଗରିକ ସଂଘର ରବୀନ୍ଦ୍ର ପରିଡ଼ା, ପଦ୍ମନାଭ ବେହେରା, ଜୟନାରାୟଣ ତ୍ରିପାଠୀ, ଶ୍ରୀମନ୍ତ ପଣ୍ଡା, ଐଶଯ୍ୟା ପଣ୍ଡା, ଶ୍ରୀରାମ ପଣ୍ଡା, ଲୋକନାଥ ଶତପଥୀ, ଶୁଭେନ୍ଦୁ ଶତପଥୀ, ହେମନ୍ତ ବିଶ୍ୱାଳ ଓ ଚିତ୍ତ ରଞ୍ଜନ ଦାସ ଯୋଗ ଦେଇଥିଲେ। ଯୁବନେତା ଅଶୋକ ମିଶ୍ର, ଅନୀଲ ମହାନ୍ତି, ଗଗନ ବେହେରା ଓ ଗୌରୀଶଙ୍କର ବେହେରା ପଦଯାତ୍ରା ସଞ୍ଚାଳନ କରିଥିବା ବେଳେ ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**'ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ' ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ପ୍ରତ୍ୟାହାର ଦାବି**

## ଜଷ୍ଟିସ୍ ସଙ୍ଗମ ସାହୁଙ୍କୁ ବାର୍ କାଉନ୍‌ସିଲ୍‌ର ସମ୍ବର୍ଦ୍ଧନା



**କଟକ, ୧୯ ।୧୨(ସମିସ):** ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ବିହାର(ପାଟନା) ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିବାରୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ) ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ହାଇକୋର୍ଟ କାର୍ଯ୍ୟାଳୟରେ ଜଷ୍ଟିସ ସାହୁଙ୍କୁ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ସହ ପରିଷଦର କାର୍ଯ୍ୟନିର୍ବାହୀ ଅଧକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀ ନାରାୟଣ ପଟେଲ ଏବଂ ଅକ୍ଷୟ ପତି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରିବା ଘଟଣା

# ସହକାରୀ ପ୍ରଫେସରଙ୍କ ନାଁରେ ଚାର୍ଜସିଟ୍ ଦାଖଲକଲା ପୁଲିସ

କଟକ, ୧୯ ।୧୨(ସମିସ): କଟକ ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରିବା ମାମଲାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ସହକାରୀ ପ୍ରଫେସର ବିଜୟଲକ୍ଷ୍ମୀ ଦାଶଙ୍କ ବିରୋଧରେ କମିସନରେଟ୍ ପୁଲିସ ଆଜି ଚାର୍ଜସିଟ୍ ଦାଖଲ କରିଛି। ଏନେଇ ବିଜୟଲକ୍ଷ୍ମୀଙ୍କ ପାଇଁ ଅଡୁଆ ବଢ଼ିଛି। ଏହି ଦସ୍ତଖତ ଜାଲିଆତି ମାମଲାରେ ବିଜୟଲକ୍ଷ୍ମୀଙ୍କ ବିରୋଧରେ ୩୧୯ ପୃଷ୍ଠାର ଚାର୍ଜସିଟ ଲାଲବାଗ ଥାନା ପୁଲିସ ଦାଖଲ କରିଥିବା ବେଳେ କଟକ ଜିଲ୍ଲାପାଳଙ୍କ ଦସ୍ତଖତ ଜାଲିଆତି ମାମଲାରେ ନିଜେ ଜିଲ୍ଲାପାଳ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ଲାଲବାଗ ପୁଲିସ କେସ ନମ୍ବର ୨୫୯/୨୦୨୪ରେ ପଞ୍ଜିକୃତ କରି ତଦନ୍ତ ଜାରି ରଖିଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଆଡିସନାଲ ଡିସିପି (କ୍ରାଇମ) କଟକଙ୍କ ତତ୍ତ୍ୱାବଧାନରେ ମାମଲର ତଦନ୍ତ ଦାୟିତ୍ୱ ଥାନାଧିକାରୀ ସୁଧାଂଶୁ ସାହୁ ଓ ତଦନ୍ତକାରୀ ଅଧିକାରିଣୀ ତୃପ୍ତିମୟୀ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ମାମଲାରେ ରେଭେନ୍ସା ବିଶ୍ୱବଦ୍ୟାଳୟ କର୍ତ୍ତୃପକ୍ଷ ଗୋଟିଏ ଉଚ୍ଚସ୍ତରୀୟ ତଦନ୍ତ କମିଟି କରିଥିଲେ। କମିଟି ତଦନ୍ତ କରି ଜାଣିଲେ ଯେ ବିଜୟଲକ୍ଷ୍ମୀ ରେଭେନ୍ସା କର୍ତ୍ତୃପକ୍ଷଙ୍କୁ କଟକ ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ନିଜର ବ୍ୟକ୍ତିଗତ ଲାଭ ପାଇଁ ଦେଇଥିଲେ। ତଦ୍‌ନୁଯାୟୀ, କୁଳପତି କମିଟିର ସୁପାରିସ୍ ଅନୁଯାୟୀ ବିଜୟଲକ୍ଷ୍ମୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କମିସନରେଟ୍ ପୁଲିସ ସମସ୍ତ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରିଥିଲେ। ପୁଲିସ ଏହି ମାମଲାରେ ୧୯ ଜଣଙ୍କୁ ସାକ୍ଷୀ କରିଥିଲା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ଅଫିସରୁ ବହୁତ କାଗଜପତ୍ର ଜବତ କରିଛି। ପୁଲିସ ଜାଲିଆତି ହୋଇଥିବା ଦସ୍ତଖତର ନମୁନା ସଂଗ୍ରହ ପାଇଁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ରିପୋର୍ଟ ମାଗିଥିଲା। ହ୍ୟାଣ୍ଡରାଇଟିଂ ବ୍ୟୁରୋ ରିପୋର୍ଟରେ ଜିଲ୍ଲାପାଳଙ୍କ ଦସ୍ତଖତକୁ ବିଜୟଲକ୍ଷ୍ମୀ ଦାଶ ଜାଲିଆତି କରିଥିବା ସ୍ପଷ୍ଟ ହେବା ପରେ ଲାଲବାଗ ଥାନା ପୁଲିସ ଏସଡିଜିଏମ୍ ସଦର କଟକଙ୍କ ଅଦାଲତରେ ଏହି ଚାର୍ଜସିଟ୍‌କୁ ଦାଖଲ କରିଥିବା ଜଣାପଡ଼ିଛି।



